ଭାରତ ସଂଘ

ବନାମ

ରାମ ସୁଅ ଶର୍ମା

ଫେବୃଆରୀ 15,1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ସେବା ନଥିରେ ଲିପିବଦ୍ଧ ହୋଇଥିବା ଜନ୍ମ ତାରିଖ--25 ବର୍ଷ ପରେ ସଂଶୋଧନ କରିବା ପାଇଁ ଦାବି -- ନ୍ୟାୟାଧିକରଣ ଏହାକୁ ଗ୍ରହଣ କରିଛନ୍ତି ଏବଂ ସଂଶୋଧନ ଉପରେ ବିଚାର କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି -- ନିର୍ଣ୍ଣୟ ହୋଇଛି: ମୂଳତଃ ଏହି ନିର୍ଦ୍ଦେଶ ବେଆଇନ ଅଟେ ।*

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 3626/1996

23.12.94 ତାରିଖରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ଜବଲପୁରଙ୍କ ଓ. ଏ. ସଂଖ୍ୟା 270/1994 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଆସିଛି ।

ସୁଶ୍ରୀ ନିରଞ୍ଜନା ସିଂ ଏବଂ ସୁଶ୍ରୀ ଅନିଲ କଟିୟାର ଆବେଦନକାରୀଙ୍କ ପାଇଁ ।

ଟି. ଜି. ଏନ୍. ନାୟାର ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଏହି ଆବେଦନରେ ଉଠାଯାଇଥିବା ବିବାଦ ଅସମାହିତ ବିଷୟ ହୋଇ ନାହିଁ । ଅନେକ ରାୟରେ, ଏହି ନ୍ୟାୟାଳୟ କହିଛନ୍ତି ଯେ ବିଳମ୍ବ ପର୍ଯ୍ୟାୟରେ ଏକ ଅଦାଲତ କିମ୍ବା ନ୍ୟାୟାଧିକରଣ ସେବା ନଥିରେ ବିଧିବଦ୍ଧ ଭାବରେ ଲିପିବଦ୍ଧ କରାଯାଇଥିବା ଜନ୍ମ ତାରିଖର ସଂଶୋଧନ ପାଇଁ ଦାବିକୁ ଗ୍ରହଣ କରିପାରିବେ ନାହିଁ । ସ୍ୱୀକାରଯୋଗ୍ୟ ଯେ, ଉତ୍ତରଦାତା ଡିସେମ୍ବର 16, 1962 ମସିହାରେ ସେବାରେ ଯୋଗ ଦେଇଥିଲେ । 25 ବର୍ଷ ପରେ ସେ ଯାଗ୍ରତ ହୋଇ ଦାବି କରିଛନ୍ତି ଯେ ତାଙ୍କର ସଠିକ୍ ଜନ୍ମ ତାରିଖ ଜାନୁଆରୀ 2,1939 ମସିହା ଅଟେ, ଏବଂ ଡିସେମ୍ବର 16, 1934 ମସିହା ନୁହେଁ । ସେହି ଦାବିକୁ ନ୍ୟାୟାଧିକରଣ ଦ୍ୱାରା ଗ୍ରହଣ କରାଯାଇଥିଲା, ଏବଂ ଏହା ସରକାରଙ୍କୁ ସଂଶୋଧନ ଉପରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲା । *ମୂଳତଃ* ଏହି ନିର୍ଦ୍ଦେଶ ବେଆଇନ ଅଟେ ।

ତଦନୁସାରେ ଆବେଦନକୁ ଅନୁମତି ଦିଆଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଜି. ଏନ୍. ଆବେଦନକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।